## ସଂକ୍ଷେପରେ

ବନ୍ଧୁକ ଜବତର ଖୋଳତାଡ଼ ହେବ

### ଅଭିଯୁକ୍ତଙ୍କ ଦୁଇ ଦିନିଆ ରିମାଣ୍ଡ ମଞ୍ଜୁର

ବ୍ରହ୍ମପୁର ଅଫିସ,୨୩।୪-ଆବନ୍ଧୁକ ସହ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ଟାଉନ ଥାନା ପୋଲିସ କୋର୍ଟରେ ଆବେଦନ କରିଥିଲା। ଏସଡ଼ିଜେଏମ ଜିତେନ୍ଦ୍ରାୟ ପାଣିଗ୍ରାହୀ ଏହାର ଶୁଣାଣି କରି ଦୁଇ ଦିନିଆ ରିମାଣ୍ଡ ମଞ୍ଜୁର କରିଛନ୍ତି। ଏସଡ଼ିଜେଏମ ଆସନ୍ତା ୨୫ ଓ ୨୬ ତାରିଖ ଦୁଇ ଦିନିଆ ରିମାଣ୍ଡ ମଞ୍ଜୁର କରିଥିବା ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ଶୁକ୍ରବାର ଟାଉନ ଥାନା ପୋଲିସ ପୁରୁଣା ବ୍ରହ୍ମପୁର କୈଳାସଚନ୍ଦ୍ର ମହାନ୍ତି ଓରଫ ବୁଡୁଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ସେହିପରି ବୁଡୁ ସେହି ବନ୍ଧୁକଟି ସୁବାରାଓ ଛକ ପୁରୁଣା ଖୀଷ୍ଟିୟାନ ସାହିର ସନ୍ଦୀପ କୁମାର ସାହୁ ଓରଫ ମୁଗଲିଙ୍କ ଠାରୁ କିଣିଥିବା ପୋଲିସକୁ ସୂଚନା ଦେବାରୁ ପୋଲିସ ମୁଗଲିଙ୍କୁ ମଧ ଭୁବନେଶ୍ୱରରୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ବୁଡୁ ନାଁରେ ପୂର୍ବରୁ ୪ ରୁ ଅଧିକ ମାମଲା ରହିଥିବା ବେଳେ ମୁଗଲି ନାଁରେ ଗୋଟିଏ ମାମଲା ରହିଛି। ଦୁଇ ଅଭିଯୁକ୍ତ ପୂର୍ବରୁ ଅପରାଧୀକ ମାମଲାରେ ସଂପୃକ୍ତ ଥିବାରୁ ସେମାନେ ଲୁଚାଛପାରେ ବନ୍ଧୁକ କିଣାବିକା କରୁଥିବା ପୋଲିସ ସନ୍ଦେହ କରୁଛି। ତେଣୁ ଏହି ବନ୍ଧୁକ କେଉଁଠୁ ଆସିଥିଲା ଓ ଏହା ପଛରେ ଆଉ କିଏ କିଏ ରହିଛନ୍ତି ସେ ନେଇ ଅଧିକ ଖୋଳତାଡ କରିବାକୁ ପୋଲିସ ସେମାନଙ୍କୁ ରିମାଣ୍ଡରେ ନେବ।

### ମହିଳାଙ୍କୁ ମାଡ଼ ମାରି ଲୁଟ୍

ପାରଳାଖେମୁଣ୍ଡି,୨୩।୪(ଡି.ଏନ୍.ଏ.): ଗାରାବନ୍ଧ ଥାନା ଅନ୍ତର୍ଗତ ଗଣ୍ଡାହାତୀ ଜଳପ୍ରପାତ ରାସ୍ତାରେ ଶୁକ୍ରବାର ଜଣେ ମହିଳାଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରି ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବିରାଜିନୀ ମିଶାଲ। ମହିଳା ଜଣକ ବ୍ୟବସାୟ କରୁଥିବା ବେଳେ ପାଞ୍ଚ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ୫ ହଜାର ଟଙ୍କା ସହ ସୁନା ଚେନ୍ ଓ କାନଫୁଲ ଲୁଟି ନେଇଥିଲେ। ଏ ନେଇ ଗାରାବନ୍ଧ ଥାନାରେ ବିରାଜିନୀ ଅଭିଯୋଗ କରିଛନ୍ତି।

### ୪୧୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କବିସୂର୍ଯ୍ୟନଗର,୨୩।୪(ଡି.ଏନ.ଏ.)- କବିସୂର୍ଯ୍ୟନଗର ପୋଲିସ ବୁଢ଼ାମ୍ବଠାରେ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଲୋଡିଂ ହେଉଥିବା ସାନଉସ୍ତାପଡ଼ା ଜଙ୍ଗଲ କୁକୁଡ଼ା ଫାର୍ମଠାରେ ଚଢ଼ାଉ କରିଥିଲା। ଏହି ଘଟଣାରେ ପୋଲିସ କୋଦଳା ଥାନା ବାଦପଲ୍ଲୀର ସନ୍ତୋଷ ରାଉତ (୧୯)ଙ୍କୁ ଗିରଫ କରିଛି। ଅନ୍ଧକାର ସୁଯୋଗ ନେଇ କେତେଜଣ ଚମ୍ପଟ ମାରିଛନ୍ତି। ୧୫ବସ୍ତା ବା ୪୧୩ କେଜି ଗଞ୍ଜେଇ ଟ୍ରକ୍‌ରେ ଲୋଡିଂ ହେଉଥିବା ସମୟରେ ପୋଲିସ ଜବତ କରିଥିଲା। ଏଥିସହ ରୋଲର ମେଶିନ, ଓଜନ ମେଶିନ, ଛଅ ଚକିଆ ଟ୍ରକ, ମେକ୍ସିମା ପ୍ଲସ ଗାଡି, ସ୍କୁଟି, ବାଇକ, ଚାରି ଗୁଳି ସହ ଦେଶୀ ପିସ୍ତଲ ପୋଲିସ ଘଟଣାସ୍ଥଳରୁ ଜବତ କରିଛି। ଏହି ଗଞ୍ଜେଇ ସୁରାଟ ଚାଲାଣ ହୋଇଥିଲା ବୋଲି ପୁରୁଷୋତ୍ତମପୁର ଏସ୍‌ଡିପିଓ ସର୍ଯ୍ୟମଣି ପ୍ରଧାନ ଓ କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ଶନିବାର ପ୍ରେସ ମିଟରେ ସୂଚନା ପ୍ରଦାନ କରିଛନ୍ତି।

# ମହାନଗର ଗଳିକନ୍ଦି ରାସ୍ତା ବିପଜ୍ଜନକ, ସରୁନି ଜାନିବିଲ ପ୍ରକଳ୍ପ ନିର୍ମାଣ

- ପୁନଃ ନିର୍ମାଣ ପ୍ରତି ଆଖି ବୁଜି ଦିଆଯାଇଛି
- ସମସ୍ୟା ସମାଧାନ ନୂଆ ପରିଷଦକୁ ହେବ ଚ୍ୟାଲେଞ୍ଜ

ବ୍ରହ୍ମପୁର ଅଫିସ,୨୩।୪

ବ୍ରହ୍ମପୁର ମହାନଗରରେ ଗଳି କନ୍ଦି ରାସ୍ତାଗୁଡ଼ିକ ଶୋଚନୀୟ ହୋଇଯାଇଛି। ଫଳରେ ଯାନବାହନ ଚଳାଚଳ ବେଳେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ଏବଂ ପାଦଚଲା ମଧ ବିପଜ୍ଜନକ ହୋଇଛି। ସାଢ଼େ ୩ ବର୍ଷ ବ୍ୟବଧାନରେ ପୌର ନିର୍ବାଚନ ହୋଇଛି ଏବଂ ପ୍ରତ୍ୟକ୍ଷ ଭାବେ ମେୟର ନିର୍ବାଚିତ ହୋଇଛନ୍ତି। ଶାସକ ଓ ବିରୋଧୀ ଦଳରୁ ୪୨ କର୍ପୋରେଟରଙ୍କୁ ଭୋଟରମାନେ ନିର୍ବାଚିତ କରିଛନ୍ତି। ଗତ ୮ ତାରିଖରେ ନୂଆ ପରିଷଦ ମଧ ଗଠନ ହୋଇଛି। ତେବେ ସହରାଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମାଧାନରେ ନୂଆ ପରିଷଦକୁ ଚ୍ୟାଲେଞ୍ଜ ହେବାର ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ, ୨୦୧୩ ପୌର ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିଥିଲେ। ସେତେବେଳର ୪୦ଟି ଯାକ ୱାର୍ଡରେ ରୋଡ ଶୋ କରିଥିଲେ। ଶେଷରେ ଆୟୋଜିତ ଜନସମାବେଶରେ ବ୍ରହ୍ମପୁର ବିକାଶ ମୋ ଦାୟିତ୍ୱ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ପର୍ଯ୍ୟାୟକ୍ରମେ ବିପୁଳ ପରିମାଣର ସରକାରୀ ଅନୁଦାନ ମଞ୍ଜୁର କରିଥିଲେ। ତେବେ ଅନୁଦାନ ଠିକଣା ଭାବରେ ଓ ନିର୍ଦ୍ଦିଷ୍ଟ ସମୟରେ ଖର୍ଚ୍ଚ ହୋଇପାରିନଥିଲା। ତେଣୁ ବିକାଶ ପଛରେ ପଡ଼ିଗଲା। ପୂର୍ବ ପରିଷଦର ୫ ବର୍ଷିଆ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ସରିଲା ଓ ଅକ୍ଟୋବର ୧ରୁ ସରକାରଙ୍କ ନିୟନ୍ତ୍ରଣକୁ ଗଲା। ସ୍ୱାୟତ୍ତ ଶାସନ ସଂସ୍ଥାରେ ଅମଲାତନ୍ତ୍ରୀ ରାଜୁତି ଚାଲିଲା।

ଅମଲାତନ୍ତ୍ରୀ ଶାସନରେ ମନଇଚ୍ଛା କାର୍ଯ୍ୟ ଯୋଗୁ ଅନେକ ଯୋଜନା ପ୍ରସ୍ତାବରେ ଅଟକିଗଲା। କେବଳ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନ ବ୍ୟତୀତ ଅନ୍ୟ କୌଣସି ଆଖିଦୃଶିଆ ଉନ୍ନତି ହୋଇନଥିଲା। ୨୦୨୧ ଜୁନ ୨୪ରେ ମହାନଗର ନିଗମର ୨୦୨୧-୨୨ ବର୍ଷର ବଜେଟ ବୈଠକ ଜିଲାପାଳ ତଥା ପ୍ରଶାସକ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ୩୮୯.୨୩ କୋଟି ଟଙ୍କାର ଆୟ-ବ୍ୟୟ ସମତୁଲ ବଜେଟ ଗୃହୀତ ହୋଇଥିଲା। ସେଥିରୁ ବିଭିନ୍ନ ବିକାଶ ଯୋଜନା ପାଇଁ ୧୪୯ କୋଟି ବରାଦ କରାଯାଇଥିଲା। ତନ୍ମଧ୍ୟରେ ପୋଖରୀ ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ, ଫୁଡକୋର୍ଟ, ସ୍ମାର୍ଟ ରୋଡ, ପେଣ୍ଠୁରା ଗାଡ଼ିଆ ମାର୍କେଟ କମ୍ପ୍ଲେକ୍ସ ଆଦି ଥିଲା। କେବଳ ୨୦ ସ୍ମାର୍ଟ ରୋଡ କାର୍ଯ୍ୟ ଆରମ୍ଭ ହୋଇଛି ଓ ତାହା ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ନ ହୋଇ ଅଧାପନ୍ତରିଆ ରହିଛି।

ଅପରପକ୍ଷରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ନିମନ୍ତେ ବୃହତ୍ତର ଜାନିବିଲି ପ୍ରକଳ୍ପ ନିର୍ମାଣ ହେଉଛି। ୫ ଶହ କୋଟି ଟଙ୍କାର ଏହି ଯୋଜନା ମଧ ଅସମ୍ପୂର୍ଣ୍ଣ ରହିଛି। ୨୦୧୯ ନିର୍ବାଚନ ପୂର୍ବରୁ ତରବରିଆ ଭାବରେ ଏହି ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ୩ ବର୍ଷ ବିତିବା ପରେ ବି ନିର୍ମାଣ କାର୍ଯ୍ୟ ସରୁନାହିଁ। ପାଇପ ଲାଇନ ବିଛାଇବା ପାଇଁ ଗଳି କନ୍ଦି ରାସ୍ତା ମନଇଚ୍ଛା ଖୋଳା ଯାଇଛି। ଫଳରେ ରାସ୍ତା ସମସ୍ୟା ବିପଜ୍ଜନକ ହୋଇଯାଇଛି। କେବେ ସରିବ ତାହା ମଧ ଅନିଶ୍ଚିତ ହୋଇଯାଇଛି। ଜାନିବିଲି ପ୍ରକଳ୍ପ ନିର୍ମାଣ ଏକ ନାମୀଦାମୀ ଉଦ୍ୟୋଗକୁ ଦାୟିତ୍ୱ ଦିଆଯାଇଛି। ତୁରନ୍ତ ସାରିବା ଲାଗି ପ୍ରଶାସନ ପକ୍ଷରୁ ବହୁବାର ତାଗିଦ ସତ୍ତ୍ୱେ ସେହି ଉଦ୍ୟୋଗ ଖାତିରି କରୁନାହିଁ। ନିର୍ବାଚିତ ନେତାମାନେ ମଧ ପାଟି ଖୋଲିବାକୁ ସାହାସ କରୁନାହାନ୍ତି।

ଏଭଳି ସ୍ଥିତିରେ ପୌର ସଂସ୍ଥା ନିର୍ବାଚିତ ଜନ ପ୍ରତିନିଧିଙ୍କ ନିୟନ୍ତ୍ରଣକୁ ଆସିଛି। ତେଣୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାର ସ୍ପଷ୍ଟ ହୋଇଛି। ୨୦୨୧-୨୨ ବର୍ଷର ବଜେଟ ବ୍ୟୟବରାଦ ଏଯାବତ କାର୍ଯ୍ୟକାରୀ ହୋଇନଥିବା ବେଳେ ନୂଆ ପରିଷଦ ୨୦୨୨-୨୩ ବର୍ଷର ବଜେଟ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ୧୫୫ ବର୍ଷର ଏହି ପୌର ସଂସ୍ଥାରେ ନୂଆ ନିର୍ବାଚିତ ପରିଷଦ କିଭଳି ଭାବରେ ବିକାଶକୁ ଆଗେଇ ନେବେ ସେଥିପାଇଁ ନଜର ରଖାଯାଇଛି। ମହାନଗର ବାସୀଙ୍କ ସହଯୋଗ ଏବଂ ସରକାରଙ୍କ ସହାୟତାରେ ରେଶମ ନଗରୀର ବହୁମୁଖୀ ବିକାଶ ଘଟିବାର ମେୟର ସଂଘମିତ୍ରା ଦଳେଇ କହିଛନ୍ତି।

ଟ୍ରକ ଧକ୍କାରେ ୩ ଆହତ ଘଟଣା

### ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୩।୪

ଖଜୁରିଆ ବାଇପାସରେ ଶୁକ୍ରବାର ଏକ ଟ୍ରକ ଧକ୍କାରେ ୩ ଯୁବକ ଆହତ ହୋଇଥିଲେ। ସେମାନେ ଚମାଖଣ୍ଡି ଥାନା ଅନ୍ତର୍ଗତ ପୁଟବଗଡ଼ ଗ୍ରାମର ସରୋଜ ପ୍ରଧାନ, ବିପ୍ର ପ୍ରଧାନ ଓ କୃଷ୍ଣ ପ୍ରଧାନ। ଆହତ ସରୋଜ ଓ ବିପ୍ରଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସରୋଜଙ୍କ ମୃତ୍ୟୁ ଘଟିଛି। ବିପ୍ର ଏବେ ବି ସେଠାରେ ଅଚେତ ଅବସ୍ଥାରେ ଅଛନ୍ତି ବୋଲି ପୋଲିସ କହିଛି। ଆହତ କୃଷ୍ଣ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ପ୍ରକାଶ ଯେ, ସରୋଜ ତାଙ୍କ ଗ୍ରାମର ବିପ୍ର ଓ କୃଷ୍ଣଙ୍କୁ ନେଇ ଏକ ବାଇକରେ ହଳଦିଆପଦରୁ ଜାତୀୟ ରାଜପଥ -୫୯ ଦେଇ ଏକ ବାଇକରେ ଗାଁକୁ ଫେରୁଥିଲେ। ଖଜୁରିଆ ବାଇପାସ ନିକଟରେ ପଛପଟୁ ଆସୁଥିବା ଏକ ଟ୍ରକ ବାଇକକୁ ଧକ୍କା ଦେବାରୁ ୩ ଆରୋହୀ କଚାଡ଼ି ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

# ଜିଲାସ୍ତରୀୟ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୩।୪


ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ।

ଗଞ୍ଜାମ ଜିଲାସ୍ତରୀୟ ୧୦ମ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଅଧକ୍ଷତା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦାତ୍ତାତ୍ରୟ ଭାଉ ସାହେବ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ସମ୍ମାନିତ ଅତିଥି, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଏହି ମେଳାରେ ୫ଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛି। ଜି.ଗଣ୍ଡପାଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବି.ସୀମା ପାତ୍ରଙ୍କ ପରିବହନ ଓ ଯୋଗାଯୋଗ ପ୍ରକଳ୍ପ, ହାତୀଓଟ ଓଡିଶା ଆଦର୍ଶ ବିଦ୍ୟାଳୟର ବିଜୟ କୁମାର ପଟ୍ଟନାୟକଙ୍କ ସଫେଇ ଓ ନର୍ଦ୍ଦମା ପରିଚାଳନା, ନରେନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭିନିତ କୁମାର ପଣ୍ଡାଙ୍କ ପରିବେଶ ଓ ବଜ୍ରପାତ ସୁରକ୍ଷା, କରାପଲୀ ଓଡିଶା ଆଦର୍ଶ ବିଦ୍ୟାଳୟର ଅମ୍ରିତ ମହାନ୍ତିଙ୍କ ଗାଡି ଚାଳନା ବେଳେ ନିଦରୁ ସତର୍କ କରାଉଥିବା ଚଷମା ଓ ହିଞ୍ଜିଳିକାଟୁ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟର ରଜନୀକାନ୍ତ ସେଠୀଙ୍କ ଅକ୍ଷୟ ଉର୍ଜା ସଂପର୍କିତ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଜିଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତଙ୍କୁ ଜେଲଦଣ୍ଡ

ବ୍ରହ୍ମପୁର ଅଫିସ,୨୩।୪

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ) ମନୋଜ କୁମାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଦର୍ଜି ଦାସଙ୍କୁ ସେ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପାଟପୁର ଥାନା ଅଞ୍ଚଳର କଂସ ଜେନା ୨୦୧୨ ନଭେମ୍ବର ୨୦ତାରିଖରେ ଗ୍ରାମ ନିକଟ ନଦୀକୁ ଗାଧୋଇ ଯାଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ଗାଁର ଦର୍ଜି ଦାସ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ କଂସଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଭାଇ କୁନାଲ ଜେନା ପାଟପୁର ଥାନାରେ ଏନେଇ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ ଦର୍ଜିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ଦିନ ଜେଲରେ ରହିବା ପରେ ସେ ଜାମିନରେ ମୁକୁଳିଥିଲେ। ବିଚାରପତି ଉକ୍ତ ମାମଲାରେ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରୀ ଓକିଲ ଭି. ପ୍ରସନ୍ନ କୁମାର ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା

ବ୍ରହ୍ମପୁର ଅଫିସ,୨୩।୪

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଜିଲା ବୋର୍ଡ ସଦସ୍ୟ ରାମ ଚନ୍ଦ୍ର ମିଶ୍ରଙ୍କ ୪୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଜିପୁରସ୍ଥିତ କମ୍ୟୁନିଟି ହଲଠାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ଅବନୀ ଗୟା ଅଧକ୍ଷତା କରିଥିଲେ। ରାମଚନ୍ଦ୍ର ମିଶ୍ର ମହାତ୍ମା ଗାନ୍ଧୀଙ୍କ ଡାକରାରେ ବ୍ରିଟିଶ ସରକାର ବିରୋଧରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ସେ ଗଞ୍ଜାମ ଜିଲା ବୋର୍ଡ ସଦସ୍ୟ ଥିବା ସମୟରେ ଧରାକୋଟ ଅଞ୍ଚଳର ଶିକ୍ଷା ଓ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ନିରବିଚ୍ଛିନ୍ନ ସଂଗ୍ରାମୀ ଭାବେ ଦେଶ ମାତୃକାର ସେବା କରୁଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

## ବିଶ୍ୱ ଧରିତ୍ରୀ ଦିବସ

କୁକୁଡ଼ାଖଣ୍ଡି,୨୩।୪

କୁକୁଡାଖଣ୍ଡି ବ୍ଲକ ଦକ୍ଷିଣପୁର ଲକ୍ଷ୍ମୀ ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପୃଥିବୀର ସୁରକ୍ଷା ନିମନ୍ତେ ସଚେତନ କରିବାକୁ ଏହି ଦିବସ ପାଳନ କରାଯାଉଛି। ଏବେ ୧୯୨ରୁ ଉର୍ଦ୍ଧ୍ୱ ଦେଶ ଏଥିରେ ସାମିଲ ହେଲେଣି ବୋଲି ପରିଷଦର ସଭାପତି ସାଗର କୁମାର ପାତ୍ର ଉପସ୍ଥିତ ଛାତ୍ରୀଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ବର୍ତ୍ତିବା ସହ ପରିବେଶକୁ ସବୁଜିମାରେ ଭରିଦେବା ପାଇଁ ପ୍ରତି ଘର ଆଗରେ ଗୋଟିଏ ବୃକ୍ଷ ରୋପଣ କରାଗଲେ କିଛି ମାତ୍ରାରେ ଧରିତ୍ରୀ ସୁସ୍ଥ ରହିବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଇଂ. ଦେବାଶିଷ ସେଠୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ. ପୁଷ୍ପା ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପରିଷଦର ସଭାପତି ସାଗର କୁମାର ପାତ୍ର, ବନମାଳୀ ପ୍ରଧାନ,ସିଲୁ ମହାନ୍ତି, ଧର୍ମରାଜ ପାତ୍ର, ଶିକ୍ଷୟତ୍ରୀ ସରିତା ଦାସ, ଚୁମ୍ବିତା କୁମାରୀ ଦେବୀ, ଦୀପ୍ତି ରାଣୀ ପାଢ଼ୀ ଓ ରଶ୍ମିତା କୁମାରୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥି ଛାତ୍ରୀମାନଙ୍କୁ ଚାରା ପ୍ରଦାନ କରୁଛନ୍ତି।

### ଫେରାର ଟ୍ରକ୍ ଚାଳକ ଗିରଫ

ବ୍ରହ୍ମପୁର ଅଫିସ,୨୩।୪

ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଜଣେ ଟ୍ରକ ଚାଳକଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଚାନ୍ଦୁଲି ନିକଟ ଖଣ୍ଡରା ଗ୍ରାମର ମୁନା ଗୌଡ଼। ମାମଲା ନଂ.୧୫୫/୨୨ରେ ମୁନାଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରାଯାଇଛି। ଗତ ୨୦ ତାରିଖରେ ସଦର ଥାନା ବୋରିଗାଁର ଶଙ୍କର୍ଷଣ ସାହୁ ତାଙ୍କ ସ୍ତ୍ରୀ ଜ୍ୟୋତି ସାହୁ ଓ ୫ ବର୍ଷର ଶିଶୁ କନ୍ୟାକୁ ନେଇ ବାଇକରେ ବ୍ରହ୍ମପୁର ଯାଉଥିଲେ। ଲୋଚାପଡା ମୁଖ୍ୟ ରାସ୍ତାରେ ଏକ ବାଲି ବୋଝେଇ ଟ୍ରକ ଉକ୍ତ ବାଇକକୁ ଧକ୍କା ଦେବାରୁ ପଛରେ ବସିଥିବା ଜ୍ୟୋତି ପଡ଼ି ଯାଇଥିଲେ। ଟ୍ରକଟି ମୁଣ୍ଡରେ ଚଢ଼ିଯିବାରୁ ଘଟଣାସ୍ଥଳରେ ଜ୍ୟୋତିଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଚମ୍ପଟ ମାରିଥିଲେ।

# ଅନ୍ନ ଯୋଜନା ମହୋତ୍ସବ



ମହୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୨୩।୪

ଭାରତୀୟ ଖାଦ୍ୟ ନିଗମ ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଖାଦ୍ୟ ସଂରକ୍ଷଣ ଭଣ୍ଡାର କାର୍ଯ୍ୟାଳୟ ପରିସରରେ ଆଜାଦୀ କି ଅମୃତ ମହୋତ୍ସବ ଅନ୍ତର୍ଭୁକ୍ତ ଅନ୍ନ ଯୋଜନା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟର ମ୍ୟାନେଜର ରମାରମଣ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀ ସନ୍ତୋଷ କୁମାର ଆଦି ସଭାପତିତ୍ୱ କରି ଅନ୍ନ ଯୋଜନା ମହୋତ୍ସବର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ବ୍ରହ୍ମପୁର ମଣ୍ଡଳର ଏଜିଏମ ମନିଷ ଦେବ ପ୍ରତାପ ଯୋଗ ଦେଇ ଭାରତ ସରକାରଙ୍କ ଅନ୍ନ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଜନ ହିତକାରୀ ଯୋଜନାର ସଫଳ ରୂପାୟନ ସଂପର୍କରେ କହିଥିଲେ। ସମ୍ମାନିତ ଅତିଥି ରୂପେ ଗଞ୍ଜାମ ଜିଲା ଯୋଗାଣ ବିଭାଗ ଅଧିକାରୀ ପୂଜା ମୁଣ୍ଡା, କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ ଅଧାପକ ବିଜୟ କୁମାର ଖଟେଇ, କାନାରା ବ୍ୟାଙ୍କ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର ଡିଏମ ଜଗନ୍ନାଥ ପଣ୍ଡା, ସିନିୟର ମ୍ୟାନେଜର ଡି.ମୋହନ ବାବୁ ଯୋଗ ଦେଇଥିଲେ। ବ୍ରହ୍ମପୁର ମଣ୍ଡଳର ମ୍ୟାନେଜର ବିଶ୍ୱରଞ୍ଜନ ଆଚାର୍ଯ୍ୟ, ଏନ.ଏସ.ରାଓ, ରଞ୍ଜିତ କୁମାର ସାହୁ, ତୃପ୍ତି ରାଉତ, ସତ୍ୟ ନାରାୟଣ ପାତ୍ରଙ୍କ ସମେତ ବହୁ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ହୋଲସେଲ ମାର୍କେଟ ହେବ ହୁମା ଶୁଖୁଆ ହାଟ


ହୁମ୍ମା ହାଟ ପରିଦର୍ଶନ କରୁଛନ୍ତି ବିଧାୟକ ଓ ଅଧିକାରୀ ।

ଗଞ୍ଜାମ,୨୩।୪(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ନିକଟସ୍ଥ ଶୁଖୁଆ ହାଟ ପଡ଼ିଆରେ ନିର୍ମାଣ ହେବ ଆଧୁନିକ ହୋଲସେଲ ମାର୍କେଟ। ଯାହାକୁ ନେଇ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ହୁମ୍ମା ହାଟ ପରିଦର୍ଶନ କରିବା ସହ ଓଡ଼ିଶା ଷ୍ଟେଟ କଂଷ୍ଟ୍ରକ୍ସନ ନିର୍ବାହୀଯନ୍ତ୍ରୀ ଗୋବର୍ଦ୍ଧନ ଚନ୍ଦ୍ର ସାଠୁଆ, ଭୁବନେଶ୍ୱର ଫିସେରୀ ଇଞ୍ଜିନିୟରିଂ ଡିଭିଜନ ସହକାରୀ ଯନ୍ତ୍ରୀ ଆଲୋକ ପାତ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁବ୍ରତ ପଟ୍ଟନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଅଧିକାରୀଙ୍କ ସହ ୩ କୋଟି ୮୬ ଲକ୍ଷ ଅର୍ଥ ବ୍ୟୟ ଅଟକଳରେ ଶୁଖୁଆ ହୋଲସେଲ ମାର୍କେଟ ନିର୍ମାଣ ହେବା ନେଇ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଉକ୍ତ ହାଟ ପଡିଆ ମଧ୍ୟରେ ପରିବା ମାର୍କେଟ ନିର୍ମାଣ ନେଇ ମଧ ଆଲୋଚନା ହୋଇଥିଲା। ୧୫ ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ଯୁବନେତା ଲିଙ୍ଗରାଜ ପଟ୍ଟନାୟକ, ଶଶୀ ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଥାଉକି, ପୂର୍ବରୁ ଶୁଖୁଆ ବ୍ୟବସାୟୀମାନେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବସି ବ୍ୟବସାୟ କରୁଥିବା ବେଳେ ଆଗାମୀଦିନରେ ନବ ନିର୍ମିତ ଶୁଖୁଆ ମାର୍କେଟ ବିଲ୍ଡିଂ ମଧ୍ୟରେ ବସି ବ୍ୟବସାୟ କରିବେ।

# ମାସକରେ ୨୧ ଡାକ୍ତରଙ୍କ ବଦଳି, ନିଯୁକ୍ତି ନାହିଁ

- ଏମ୍‌କେସିଜି ମେଡିକାଲ କଲେଜ
- ପାଟି ଖୋଲିବାକୁ ଡରୁଛନ୍ତି ନେତା

ବ୍ରହ୍ମପୁର ଅଫିସ,୨୩।୪


ଏମକେସିଜି ମେଡିକାଲ।

ଦକ୍ଷିଣ ଓଡ଼ିଶାର ପ୍ରମୁଖ ଚିକିତ୍ସାଳୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଲଗାତାର ସରକାରୀ ଅବହେଳାର ଶିକାର ହେଉଛି। ଏଠାରୁ ଅଭିଜ୍ଞ ଡାକ୍ତରମାନଙ୍କୁ ଅନ୍ୟତ୍ର ବଦଳି କରି ନିଆଯାଉଛି। କିନ୍ତୁ ତାଙ୍କ ସ୍ଥାନରେ ଆବଶ୍ୟକ ଡାକ୍ତର ନିଯୁକ୍ତି ଦିଆଯାଉନାହିଁ। ଫଳରେ ଚିକିତ୍ସା ସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହା ବିରୋଧରେ ସ୍ୱରଉତ୍ତୋଳନ କରିବାକୁ ମଧ କେହି ନାହାନ୍ତି। ସରକାରଙ୍କ ନିଷ୍ପତ୍ତି ବିରୋଧରେ ପାଟି ଖୋଲିବାକୁ ନେତାମାନେ ସାହସ ଜୁଟାଇ ପାରୁନାହାନ୍ତି। ପରିଣାମ ସ୍ୱରୂପ ମାସକ ମଧ୍ୟରେ ଏଠାରୁ ଦୁଇଟି ପର୍ଯ୍ୟାୟରେ ୨୧ଜଣ ଡାକ୍ତରଙ୍କ ବଦଳି ନିର୍ଦ୍ଦେଶ ଜାରି ହୋଇସାରିଲାଣି। ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଥିବା ଏହି ମେଡିକାଲରୁ ଡାକ୍ତର ଶୂନ୍ୟ କରିବାକୁ ଚକ୍ରାନ୍ତ ଚାଲିଥିବା ଅଭିଯୋଗ ହେଲାଣି।

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫରାଲ୍ ହସ୍ପିଟାଲ୍ ହେଉଛି ଏମ୍‌କେସିଜି ମେଡିକାଲ। ଏଠାକୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଚିକିତ୍ସାଳୟରୁ ରୋଗୀ ରେଫର୍ ହୋଇ ଆସୁଛନ୍ତି। ଏପରିକି ଆନ୍ଧ୍ର ସୀମାନ୍ତ ଅଞ୍ଚଳବାସୀ ମଧ ଏମକେସିଜି ମେଡିକାଲ ଉପରେ ନିର୍ଭର କରନ୍ତି। ରାଜ୍ୟ ସରକାର କଟକ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲରେ ପରିଣତ କରିବା ପାଇଁ ନକ୍ସା ଆଙ୍କିଛନ୍ତି। ଅଥଚ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ରହିଥିବା ଏମ୍‌କେସିଜି ମେଡିକାଲ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଯାହାକି ବାରମ୍ବାର ଡାକ୍ତର ବଦଳି ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି। ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ମେଡିକାଲ କଲେଜ ଖୋଲୁଛନ୍ତି। ହେଲେ ସେହି ଅନୁସାରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏଥିପାଇଁ ଏମ୍‌କେସିଜି ମେଡିକାଲରୁ ଅଭିଜ୍ଞ ଡାକ୍ତରଙ୍କୁ ନେଇ ଯାଉଛନ୍ତି। ଗତ ମାର୍ଚ୍ଚ ୧୧ତାରିଖରେ ଏମ୍‌କେସିଜି ମେଡିକାଲରୁ ବିଭିନ୍ନ ବିଭାଗର ୧୩ଜଣ ଅଭିଜ୍ଞ ଡାକ୍ତରଙ୍କ ବଦଳି ହୋଇଥିଲା। କିନ୍ତୁ ତାଙ୍କ ସ୍ଥାନରେ ଏମକେସିଜିକୁ ମାତ୍ର ୭ଜଣ ଡାକ୍ତର ଆସିଥିଲେ। ଏହାର ମାସେ ନ ପୂରୁଣୁ ପୁଣି ୮ଜଣ ଡାକ୍ତରଙ୍କ ବଦଳି ନିର୍ଦ୍ଦେଶ ହୋଇଛି। ଏହାକୁ ନେଇ ଏମକେସିଜି ମେଡିକାଲ କଲେଜ ଜୁନିୟର୍ ଡାକ୍ତର ଆସୋସିଏଶନ୍ (ଜେଡିଏ) ତରଫରୁ ବିକ୍ଷୋଭ କରାଯାଇଥିଲା। କିନ୍ତୁ ଶାସକ ଦଳ ନେତା କି ବିରୋଧୀ କେହି ହେଲେ ଏହି ପ୍ରସଙ୍ଗ ନେଇ ପାଟି ଖୋଲି ନଥିଲେ। ଅନ୍ୟପଟେ ଆଗକୁ ନ୍ୟାସନାଲ୍ ମେଡିକାଲ କାଉନସିଲ୍ (ଏନ୍‌ଏମସି) ଟିମର ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏମକେସିଜିରୁ ୮ଜଣ ଡାକ୍ତରଙ୍କ ବଦଳି ନିର୍ଦ୍ଦେଶକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଟିମ ଫେରିଯିବା ପରେ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ବୋଲି ଶୁଣିବାକୁ ମିଳୁଛି। ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା କହିଛନ୍ତି ଯେ ରାଜ୍ୟରେ ବିଶେଷଜ୍ଞ ଅଭାବ ରହିଥିବାରୁ ସରକାର ଡାକ୍ତରଙ୍କୁ ଗୋଟିଏ ମେଡିକାଲ କଲେଜରୁ ଅନ୍ୟ ମେଡିକାଲ କଲେଜକୁ ବଦଳି କରି ମେଡିକାଲ କାଉନସିଲର ସ୍ୱୀକୃତି ହାସଲ କରୁଥିବା କୁହାଯାଉଛି। ଏଭଳି ମନଇଚ୍ଛା ବଦଳିର ସିଧାସଳଖ ପ୍ରଭାବ ରୋଗୀସେବା ଉପରେ ପଡୁଛି। ଏଣୁ ସରକାର ପ୍ରଥମେ ରାଜ୍ୟର ୩ଟି ମେଡିକାଲ କଲେଜ (କଟକ, ବ୍ରହ୍ମପୁର, ବୁର୍ଲା)ର ଭିତ୍ତିଭୂମିରେ ଉନ୍ନତି ଆଣନ୍ତୁ, ତା' ପରେ ଅନ୍ୟ ମେଡିକାଲ କଲେଜ ଖୋଲନ୍ତୁ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଆସିକା,୨୩।୪(ଡି.ଏନ୍.ଏ.):ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ୨ ଛାତ୍ରୀମାନଙ୍କ ଲାଗି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବକ୍ତ୍ୟବ୍ୟ ରଖିଥିଲେ। ଶିବିରରେ ଯୁକ୍ତ ୨ ଶ୍ରେଣୀର ୧୪୧ଜଣ ଛାତ୍ରୀ ତାଲିମ ନେଇଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ଅଧ୍ୟାପିକା ଏସ. ରଞ୍ଜିତା ରାଣୀ ପରିଚାଳନା କରିଥିଲା ବେଳେ ପୂର୍ବରୁ ତାଲିମ ନେଇଥିବା ଛାତ୍ରୀ ଶିବାନୀ ମହାରଣା, ଲିଜା ପାତ୍ର ଓ ରାଜଲକ୍ଷ୍ମୀ ନାହାକ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ।

### ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଲେ ଚାଳକ

ପାରଳାଖେମୁଣ୍ଡି,୨୩।୪(ଡି.ଏନ୍.ଏ.): ରାୟଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ା ସିଂ ଛକ ନିକଟରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ମୋହନା ଆଡୁ ଆସୁଥିବା ଗୋଟିଏ ଅଟୋରୁ ଶନିବାର ୧୨୩ କେଜି ଗଞ୍ଜେଇ ଜବତ କରାଯାଇଛି। ଗଜପତି ଜିଲା ଅବକାରୀ ବିଭାଗର ସ୍କ୍ୱାଡ୍ ଏହି ଗଞ୍ଜେଇ ଚୋରା ଚାଲାଣ ଧରିବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ଅଟୋ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ମୋହନା ଅଞ୍ଚଳର ଷ୍ଟିଫେନ ନାୟକ(୨୩)। ଏ ନେଇ ଅବକାରୀ ବିଭାଗ ତରଫରୁ ପି ଆର ନଂ.୫/୨୨ ଏକ ମାମଲା ରୁଜୁ କରାଯାଇଛି।

### ଶାନ୍ତି କମିଟି ଗଠିତ

କାଶୀନଗର,୨୩।୪-କାଶୀନଗର ଥାନା ଅଲଡ଼ା ପଞ୍ଚାୟତର ଲେନ୍ତାଗୁଡ଼ା ଓ ମାଞ୍ଜିଲିଗୁଡ଼ା, ବୁରୁଗୁଡ଼ାରେ ଥିବା କାଜୁତୋଟାରେ କାଜୁ ତୋଳାକୁ ନେଇ ଉପୁଜିଥିବା ଆଦିବାସୀ ଓ ଅଣଆଦିବାସୀ ବିବାଦ ଉଗ୍ରରୂପ ନେଇ ଗଣ୍ଡଗୋଳ ଘଟିଛି। ଗ୍ରାମବାସୀଙ୍କୁ ଗଣ୍ଡଗୋଳରୁ ନିବୃତ ରହିବା ପାଇଁ ଶୁକ୍ରବାର କାଶୀନଗର ଥାନା ପରିସରରେ ଉପଜିଲାପାଳ ଦିଲିପ କୁମାର ମହାରଣାଙ୍କ ଅଧକ୍ଷତାରେ ଶାନ୍ତି କମିଟି ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି, ତହସିଲଦାର ସୀମାଞ୍ଚଳ ମହାନ୍ତି, ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ, ଥାନାଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଗ୍ରାମର ୫ ଜଣ ବ୍ୟକ୍ତିଙ୍କୁ ନେଇ ଶାନ୍ତି କମିଟି ଗଠନ କରିଛନ୍ତି। ଆଗାମୀ ଦିନରେ ଏହି କମିଟି ଥାନା ଓ ତହସିଲଦାରଙ୍କ ଉପସ୍ଥିତିରେ କାଜୁ ଅମଳ ଓ ଜମିର ବିବାଦ ତୁଟାଇବାକୁ ସମ୍ମତି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ହେଲା ଏହି ବିବାଦ ଲାଗି ରହିଛି ଓ କଚେରୀରେ ମଧ୍ୟ ମାମଲା ବିଚାରାଧୀନ ରହିଛି।

### କାଶୀନଗର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

କାଶୀନଗର,୨୩।୪-ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କାଶୀନଗର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଆୟୋଜିତ ହୋଇଯାଇଛି। ବାରଣସୀ ସରକାରୀ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଏହି ମେଳାରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଓ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଏନଏସି ଅଧକ୍ଷା ଏମ.ସୁଧାରାଣୀ, ପଞ୍ଚାୟତ ସମିତି ଅଧକ୍ଷା ବି. ସାୟାମ୍ମା, ଏନଏସି ଉପାଧକ୍ଷ ରଘୁରାମ ସାହୁ, ସମିତି ଉପାଧକ୍ଷା ଏସ. କଲ୍ୟାଣୀ, ଜିଲା ପରିଷଦ ଜୋନ-୧ ସଭ୍ୟା ଆର.ରାଜ୍ୟଲକ୍ଷ୍ମୀ ପ୍ରମୁଖ ସମ୍ମାନିତ ଅତିଥି ମଞ୍ଚାସୀନ ଥିଲେ। ବିଡିଓ ଡ.ଲକ୍ଷ୍ମୀ ପ୍ରସାଦ ସାହୁ, ଏନଏସି ଇଓ ଡ. ସତ୍ୟସମ୍ପନ୍ନା ରାଉତ, ମେଡିକାଲ ଅଫିସର ଇନଚାର୍ଜ ପାର୍ଥ ସାରଥୀ ବେହେରା ସ୍ୱାସ୍ଥ୍ୟମେଳା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମେଳାରେ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦିଆଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

# ମୋହନା ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଦୁର୍ନୀତି ଅଭିଯୋଗ

## ଜରାନିବାସ ନାମରେ ଅନିୟମିତାର ତଦନ୍ତ, ସମ୍ପାଦକଙ୍କ ଖଣ୍ଡନ

ଆର୍.ଉଦୟଗିରି,୨୩।୪(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ଆରମ୍ଭ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଦଣ୍ଡାସି ସାହୁ ନିଜ ଘରେ ଜରାନିବାସ ଚଳାଉଥିବା ଦର୍ଶାଇ ଅର୍ଥ ହଡ଼ପ କରିବାକୁ ଯୋଜନା କରିଥିବା ଗତ ୨୭।୭।୨୧ରେ ହୋଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ବାସ୍ତବରେ ମୋହନାରେ ସେଭଳି କୌଣସି ଜରାନିବାସ ନାହିଁ। ବିଦ୍ୟାଳୟର ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତର ସ୍ୱତନ୍ତ୍ର ବିଭାଗକୁ ଜିଲା ପ୍ରଶାସନ ଚିଠି ନଂ.୬୬୬୯ ତା୩୦।୯।୨୦ରେ ରଦ୍ଦ କରିଥିଲେ ମଧ୍ୟ ବିଦ୍ୟାଳୟ ସମ୍ପାଦକ ଗତ ମାର୍ଚ୍ଚରେ ବିଭିନ୍ନ ଖବରକାଗଜରେ ବିଜ୍ଞାପନ ବାହାର କରି ନିଯୁକ୍ତି ଦେବା ନାମରେ ବେକାର ଯୁବତୀଯୁବକଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗ ହେଉଛି। ପୁଣି ବିଦ୍ୟାଳୟରେ ସର୍ବଦା ୩୫ରୁ ୪୦ ପିଲା ରହୁଥିବା ବେଳେ ସମ୍ପାଦକ କାଗଜପତ୍ରରେ ୧୩୮ ପିଲା ଦର୍ଶାଉଛନ୍ତି। କ୍ୟାଶ୍ ବହି, ଛାତ୍ର ଉପସ୍ଥାନ ଖାତା ପ୍ରକଳ୍ପ ପ୍ରସ୍ତାବକୁ ତନଖି କଲେ ଅନିୟମିତତାର ଗୁମର ଫିଟିବ। ବଧିର ବିଦ୍ୟାଳୟର ଏନ୍‌ଓସି ମଧ୍ୟ ଗତ ମାର୍ଚ୍ଚରୁ ସରିଯାଇଛି। ବିନା ଏନ୍‌ଓସିରେ ବିଦ୍ୟାଳୟ କିପରି ଚାଲିଛି ତାହା ତଦନ୍ତସାପେକ୍ଷ। ପ୍ରଧାନ ଶିକ୍ଷକ ମାସିକ ୨୨,୫୦୦ ଟଙ୍କା ଦରମା ନେଉଥିବା ବେଳେ ମୋହନା ପଞ୍ଚାୟତରୁ ସେ ଏକ ଇନ୍ଦିରା ଆବାସ ହାତେଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି ମୋହନା ସମିତିସଭ୍ୟ ବାଳକୃଷ୍ଣ ମଳିକ ଓ ପୂର୍ବତନ ସରପଞ୍ଚ ରମାକାନ୍ତ ମଳିକ। ବିଦ୍ୟାଳୟର ଏହିସବୁ ଦୁର୍ନୀତିକୁ ସରକାର ତଦନ୍ତ କରିବାକୁ ବିଦ୍ୟାଳୟର ବହିଷ୍କୃତ କର୍ମଚାରୀ ସୁନୀଲ କୁମାର ନାୟକ, ଭୀମ ମଳିକ, ସୁଜିତ କୁମାର ସାହୁ, ସନ୍ତୋଷ କୁମାର ପାତ୍ର, ସୁନୀଲ କୁମାର ସ୍ୱାଇଁ, ସୁରଜ ନାୟକ ଓ କନକ ନାୟକ ଦାବି କରିଛନ୍ତି। ଦୀର୍ଘବର୍ଷ ତଳେ ମୋହନାରେ ଆରମ୍ଭ ହୋଇଥିବା ନୀଳକଣ୍ଠେଶ୍ୱର ହାଇସ୍କୁଲ ପରବର୍ତ୍ତୀ ସମୟରେ ବନ୍ଦ ହୋଇଯାଇଥିଲା। ଏହି ବିଦ୍ୟାଳୟକୁ ଜିଲାସ୍ତରୀୟ ଅଧିକାରୀମାନେ ବାରମ୍ବାର ଆସି ତଦନ୍ତ କରି ଫେରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏହିଭଳି ଅନିୟମିତତା ଅଭିଯୋଗ ପରେ ନିକଟରେ ଜିଲାର ସ୍ୱତନ୍ତ୍ର ଅଧିକାରୀ କିରଣ କୁମାର ମହାନ୍ତି, ଡିସିପିଓ ଅରୁଣ କୁମାର ତ୍ରିପାଠୀ ବିଦ୍ୟାଳୟ ଆସି ବିଦ୍ୟାଳୟର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି। ଏହି ବିଷୟ ନେଇ ବିଦ୍ୟାଳୟ ସମ୍ପାଦକ ଦଣ୍ଡାସି ସାହୁଙ୍କୁ ଯୋଗାଯୋଗ କରିବାରୁ ଏହିଭଳି ଅଭିଯୋଗ ଅମୂଳକ ଓ ଭିତ୍ତିହୀନ ବୋଲି କହିଛନ୍ତି। ଜରାନିବାସ ଆଦୌ ଖୋଲିନି। ଏହା ଖୋଲିବାକୁ ଅନ୍‌ଲାଇନରେ ଆବେଦନ କରିଥିଲୁ, ତାହା କମ୍ପ୍ୟୁଟର ନେଲାନାହିଁ। ଏହା ଖୋଲିବାକୁ ପ୍ରସ୍ତାବ ରହିଥିଲା ବୋଲି କହିବା ସହ ନିକଟରେ ଆସିଥିବା ଦୁଇ ଅଧିକାରୀ ଅଡିଟ୍ ରିପୋର୍ଟରେ ଅନିୟମିତତାର ତଦନ୍ତ କରିବାକୁ ନୁହେଁ ବରଂ ଦୀର୍ଘବର୍ଷ ତଳେ ୩ଜଣ କର୍ମଚାରୀ କରିଥିବା ଅଭିଯୋଗର ତଦନ୍ତ କରିବାକୁ ଆସିଥିଲେ ବୋଲି କହିଛନ୍ତି। ଭିନ୍ନକ୍ଷମ ବିଦ୍ୟାଳୟରେ ୧୩୮ ପିଲାଙ୍କ ନାମ ଲେଖାଯାଇଛି ହେଲେ କରୋନା କାରଣରୁ ପିଲା ଆସୁନାହାନ୍ତି। ବିଦ୍ୟାଳୟରେ ବର୍ତ୍ତମାନ ୪୨ ପିଲା ରହୁଛନ୍ତି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବହିଷ୍କୃତ କର୍ମଚାରୀମାନଙ୍କ ଦରମା ଆକାରରେ ଯାହା ବକେୟା ଥିଲା ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ୨୭।୧୦।୨୧ରେ ଜିଲା ଅଧିକାରୀଙ୍କ ସାମ୍ନାରେ ସମସ୍ତ ବହିଷ୍କୃତ କର୍ମଚାରୀଙ୍କୁ ପ୍ରଦାନ କରି ସେମାନଙ୍କଠାରୁ ଲେଖା ଆକାରରେ ରଖାଯାଇଛି ବୋଲି ସମ୍ପାଦକ କହିଛନ୍ତି।



ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ।

### ପଦ୍ମପୁରରେ ଝାଡ଼ାବାନ୍ତି, ୫ ଆକ୍ରାନ୍ତ

ଶେରଗଡ଼,୨୩।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ପଦ୍ମପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଶୁକ୍ରବାରଠାରୁ ଝାଡ଼ାବାନ୍ତିରେ ୫ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ସୁଲତା ପାତ୍ର, ରଶ୍ମିତା ପାତ୍ର, ତପସ୍ୟା ପ୍ରଧାନ, ସୁଲତା ଦୋରା, କୀର୍ତ୍ତନ ଭୂୟାଁ। ସମସ୍ତଙ୍କୁ ଶେରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶନିବାର ଡାକ୍ତରଖାନା ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସାନୁ ଦେବୀ, ବିଇଇ କୁଞ୍ଜବିହାରୀ ନାୟକ, ସ୍ୱାସ୍ଥ୍ୟ ସୁପରଭାଇଜର ଗଜେନ୍ଦ୍ର ମଲ୍ଲିକ ପ୍ରମୁଖ ପଦ୍ମପୁର ଗ୍ରାମକୁ ଯାଇ ଘର ଘର ବୁଲି ଲୋକଙ୍କୁ ସତର୍କ ରହିବାକୁ ସଚେତନ କରିଛନ୍ତି। ଗ୍ରାମରେ କେହି ଆକ୍ରାନ୍ତ ହେଲେ ତୁରନ୍ତ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ପରାମର୍ଶ ଦେଇଛନ୍ତି।

### ଭାଜପାର ସମୀକ୍ଷା ବୈଠକ

ଜି.ଉଦୟଗିରି,୨୩।୪(ଡି.ଏନ.ଏ.)

ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ଶନିବାର ଭାଜପା ତରଫରୁ ସ୍ଥାନୀୟ ବିଧାନସଭା ନିର୍ବାଚନୀ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଗନ୍ନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ନିକଟରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ଏବଂ ଏନ୍‌ଏସି ନିର୍ବାଚନକୁ ନେଇ ସମୀକ୍ଷା କରାଯାଇଛି। ଦଳ ଜନତାଙ୍କ କେତେ ନିକଟତର ହୋଇପାରିଛି ତାହାକୁ ନେଇ ହୋଇଛି ତର୍ଜମା। ଏହି ବୈଠକରେ ସ୍ୱଚ୍ଛ ଭାରତ ରାଜ୍ୟ କୋଡିନେଟର ମହେଶ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ରାଜ୍ୟ ଏସି ମୋର୍ଚ୍ଚା ରାଜ୍ୟ ସଭାପତି ରାମବିଶି ଦିଗାଳ, ଜିଲା ସମ୍ପାଦିକା ସୁସ୍ମିତା ଜେନା, ଜିଲା କୃଷକମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଜିଲା ଉପ ସଭାପତି ବିପିନ ବିହାରୀ ପାତ୍ର, ଝୁଲିମା ଦଳବେହେରା, ନଗର ସଭାପତି ଉଦେସନ ପ୍ରଧାନ, ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ବାଲି ବ୍ୟବସାୟୀ ୨ ଭାଇ ଗିରଫ, ଟ୍ରାକ୍ଟର ଜବତ

## ରାଜସ୍ୱ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ପୁରୁଷୋତ୍ତମପୁର,୨୩।୪(ଡି.ଏନ.ଏ.)

ପୁରୁଷୋତ୍ତମପୁର ଥାନା ହିଞ୍ଜିଳି ତହସିଲ ଅନ୍ତର୍ଗତ ଦୟାନିଧିପୁର ଗ୍ରାମରେ ୨ ଜଣ ଆର୍‌ଆଇଙ୍କୁ ଆକ୍ରମଣ ସହ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଶନିବାର ବାଲି ବ୍ୟବସାୟୀ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଦୀପକ କୁମାର ତ୍ରିପାଠୀ ଓ ସପନ ତ୍ରିପାଠୀ। ଥାନା ମାମଲା ନଂ.୨୧୯/୨୨ ପ୍ରକାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୟାନିଧିପୁର ଗ୍ରାମ ନିକଟ ଋଷିକୁଲ୍ୟା ନଦୀରୁ ବେଆଇନ୍ ବାଲି ଚାଲାଣ ହେଉଥିବା ହିଞ୍ଜିଳି ତହସିଲ ପ୍ରଶାସନକୁ ଖବର ମିଳିଥିଲା। ତହସିଲଦାର ପ୍ରଭାତ କୁମାର ପରିଡାଙ୍କ ନିର୍ଦ୍ଦେଶକ୍ରମେ ନନ୍ଦିକ ଆର୍‌ଆଇ କୃଷ୍ଣଚନ୍ଦ୍ର ଜାନି ଓ ବୁରୁପଡା ଆର୍‌ଆଇ ସୁଧାଂଶୁ ଶେଖର ପାଣିଗ୍ରାହୀ ଗୁରୁବାର ରାତିରେ ସେଠାରେ ଚଢ଼ାଉ କରି ଟ୍ରାକ୍ଟର (ଓଡି ୦୭ଏମ ୩୪୭୮)କୁ ଅଟକାଇଥିଲେ। ଟ୍ରାକ୍ଟର ଡ୍ରାଇଭର ତଥା ଦୟାନିଧିପୁରର ଦୀପକ ୨ ଆର୍‌ଆଇଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ସେ ତାଙ୍କ ଭାଇ ସପନ ଓ ବାପା ମନୋଜ ତ୍ରିପାଠୀଙ୍କୁ ଡକାଇଥିଲେ। ବାପା ଓ ୨ ଭାଇ ମିଶି ଆରଆଇଙ୍କୁ ଆକ୍ରମଣ କରିବା ସହ ଗାଡି ଚଢାଇ ଦେବାକୁ ଉଦ୍ୟମ କରିଥିଲେ। ଆହତ ଆର୍‌ଆଇଦ୍ୱୟ ସେଠାରୁ ଦୌଡ଼ି ଆସି ହିଞ୍ଜିଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଆରଆଇ କୃଷ୍ଣ ଚନ୍ଦ୍ର ଜାନି ଏ ନେଇ ତହସିଲଦାର ପରିଡ଼ାଙ୍କୁ ଜଣାଇବା ପରେ ସେ ପୁରୁଷୋତ୍ତମପୁର ଥାନାରେ ଶୁକ୍ରବାର ଅଭିଯୋଗ କରିଥିଲେ। ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଅଭିଯୋଗ ପ୍ରକାରେ ମାମଲା ରୁଜୁ କରିଥିଲେ। ପୁରୁଷୋତ୍ତମପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଏହାର ତଦନ୍ତ କରି ଶନିବାର ସକାଳେ ଦୟାନିଧିପୁରରେ ଚଢାଉ କରି ଅଭିଯୁକ୍ତ ଦୁଇ ଭାଇଙ୍କୁ କାବୁ କରିବା ସହ ଟ୍ରାକ୍ଟରକୁ ଜବତ କରିଛନ୍ତି। ଅଭିଯୁକ୍ତଙ୍କ ବାପା ଫେରାର ହୋଇଯାଇଛନ୍ତି।


ଜବତ ଟ୍ରାକ୍ଟର।

# ଦ୍ୱିତୀୟ ବିବାହ ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୨୩।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ପ୍ରଥମ ସ୍ତ୍ରୀର ଅଗୋଚରରେ ଦ୍ୱିତୀୟ ସ୍ତ୍ରୀକୁ ବିବାହ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବିଷ୍ଣୁଚକ୍ର ଗ୍ରାମର ଅଲେଖ ପ୍ରଧାନ। ଅଲେଖ ଦଶ ବର୍ଷ ତଳେ କେଳାପଙ୍କାଳ ଗ୍ରାମର ଶୁଭଶ୍ରୀ ପ୍ରଧାନଙ୍କୁ ବିବାହ କରିଥିଲେ। ତେବେ ବିବାହ ପରଠାରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ଶୁଭଶ୍ରୀ ବାପ ଘରକୁ ଚାଲି ଯାଇଥିଲେ। ପ୍ରଥମ ସ୍ତ୍ରୀ ସହ ଛାଡ଼ପତ୍ର ହୋଇଯାଇଥିବା କହି ୨ ବର୍ଷ ତଳେ ଅଲେଖ ବୁଗୁଡ଼ା ନିକଟସ୍ଥ ଆଦିପୁର ଗ୍ରାମର ହରି ସାହୁଙ୍କ ଝିଅ ସବିତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିଛି ଦିନ ତଳେ ଶୁଭଶ୍ରୀ ଏହା ଜାଣିବା ପରେ ଗତ ୧୭ରେ ବିଷ୍ଣୁଚକ୍ର ଆସି ଅଲେଖଙ୍କ ଘରେ ପହଞ୍ଚିଥିଲେ ଏବଂ ବିବାହ ସମୟରେ ସେ ଆଣିଥିବା ଯୌତୁକ ସାମଗ୍ରୀ ଫେରାଇ ଦେବା ପାଇଁ କହିଥିଲେ। କିନ୍ତୁ କୌଣସି ଜିନିଷ ଦେବାକୁ ଅଲେଖ ମନା କରିବା ସହ ଘରୁ ଧକ୍କା ମାରି ବାହାର କରିଦେଇଥିଲେ। ଏ ନେଇ ଶୁଭଶ୍ରୀ ବାଲିପଦର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ନଂ ୨୧୦/୨୨ରେ ଏକ ମାମଲା ରୁଜୁ କରି ଅଲେଖଙ୍କୁ କୋର୍ଟ ଚାଲାଣ କରିଥିଲା। ଫାଣ୍ଡି ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନଙ୍କ ସହଯୋଗରେ ଶୁଭଶ୍ରୀ ଆଣିଥିବା ସମସ୍ତ ଯୌତୁକ ସାମଗ୍ରୀକୁ ଫେରି ପାଇଥିଲେ।

### ସ୍ତ୍ରୀକୁ ଆକ୍ରମଣ, ସ୍ୱାମୀ ଗିରଫ

ବୁଗୁଡ଼ା,୨୩।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଖରିଡା ଗ୍ରାମରେ ସ୍ତ୍ରୀକୁ ତଣ୍ଟି ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀକୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖରିଡା ଗ୍ରାମର ଗୁକୁନା ବିଷୋୟୀ। ସେ ୧୧ ବର୍ଷ ତଳେ କେନ୍ଦୁବାଡି ଗ୍ରାମର ପିଙ୍କି ବିଷୋୟୀଙ୍କୁ ବିବାହ କରିଥିଲେ। କୌଣସି ଏକ କଥା ନେଇ କିଛି ମାସ ହେଲା ପିଙ୍କିଙ୍କ ସହ ଗୁକୁନାର ଝଗଡା ହେଉଥିଲା।

# ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ, ୩ ଗିରଫ

ଫୁଲବାଣୀ ଅଫିସ, ୨୩।୪

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନାରେ ଚିଟ୍‌ଫଣ୍ଡ ଠକେଇ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ହରିପୁର ଗ୍ରାମର ପ୍ରକାଶ ରାଉତ, ସନ୍ତୋଷ କୁମାର ନାଥ ଓ ଯନ୍ତ୍ରୀ ପ୍ରଭାସିନୀ ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ଫୁଲବାଣୀ ରୁଜାଙ୍ଗୀ ନିକଟରେ ରହୁଥିବା ଉମିତା ପଣ୍ଡାଙ୍କୁ ବିଭିନ୍ନ ସ୍କିମରେ ଅର୍ଥ ଲଗାଇଲେ ଅଧିକ ଲାଭ ପାଇବାର ଲୋଭ ଦେଖାଇ ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଭିଯୁକ୍ତମାନେ ବ୍ୟାଙ୍କ ମାଧ୍ୟମରେ ନେଇଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଥମେ ଟଙ୍କା ବାବଦରେ ସୁଧ ମଧ୍ୟ ଦେଇଥିଲେ। ହେଲେ ପରେ ଆଉ ଦେଇ ନ ଥିଲେ। ଉମିତା ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏ ନେଇ ଉମିତା ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ୬୩/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ୩ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ, ୨ କୋର୍ଟଚାଲାଣ

ଗୋପାଳପୁର,୨୩।୪(ଡି.ଏନ୍.ଏ.)

ଯୁବକଙ୍କୁ ଧମକଚମକ, ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ଶନିବାର ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ କୋଠାରସିଂ ଗ୍ରାମର ଏନ୍.ତାରିଣୀ ରେଡ୍ଡୀ ଓ ତାଙ୍କ ଭାଇ ଏନ୍.ନିମେୟା। ଏହି ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର କେ. ମାଧବ ପାତ୍ର ଓ ତାଙ୍କ ସ୍ତ୍ରୀ ମିଶି ଶୁକ୍ରବାର ସକାଳେ କୋଠାରସିଂ ପଞ୍ଚାୟତକୁ ଏକ ସଭାରେ ଯୋଗଦେବାକୁ ଆସିଥିଲେ। ଏହି ସମୟରେ ସେଠାରେ ଥିବା ପଞ୍ଚାୟତ ଜେଇଙ୍କ ସହ ମାଧବ କଥା ହେଉଥିବା ସମୟରେ ସେହି ଗ୍ରାମର ନିମେୟା କାହିଁକି ପଞ୍ଚାୟତକୁ ଆସିଲୁ କହି ମାଡ଼ ମାରିଥିଲେ। ପରେ ମାଧବ ପଞ୍ଚାୟତରୁ ବାହାରକୁ ଆସୁଥିବା ବେଳେ ପୁଣି ତାଙ୍କୁ ତାରିଣୀ ଆକ୍ରମଣ କରିଥିଲେ। ସେଠାରୁ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଥିବା ନେଇ ମାଧବ ଏତେଲାରେ ଦର୍ଶାଇଛନ୍ତି। ଏ ନେଇ ନଂ. ୧୩୦/୨୨ରେ ପୋଲିସ ମାମଲା ରୁଜୁ କରିଛି। ଅନ୍ୟପଟେ ନିମେୟାଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତରେ ସଭା ଚାଲିଥିବା ସମୟରେ ମାଧବଙ୍କ ସହିତ ୩ଜଣ ଭିତରେ ପଶି ହତ୍ୟା ଧମକ ଓ ଗାଳିଗୁଲଜ କରିଥିବା ନେଇ ଥାନାରେ ଲିଖିତ ଭାବେ ଜଣେଇଛନ୍ତି। ଏ ନେଇ ନଂ.୧୩୧/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ଖଲ୍ଲିକୋଟ,୨୩।୪(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କନ୍ହେଇପୁର ମେଡିକାଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧକ୍ଷ ଦଇତାରୀ ବେହେରା ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଦୀପ ଗନ୍ତାୟତ ବିଧାୟିକା ଓ ଅଧକ୍ଷଙ୍କୁ ସମ୍ମାନିତ କରିଥିଲେ। ଶିବିରରେ ୭୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଡା. ପ୍ରଦୀପ ଗନ୍ତାୟତ, ଡା. ରାଜେନ୍ଦ୍ର ମେହେର, ଡା. ଶୁଭଶ୍ରୀ ଦେବଦର୍ଶନୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ଖଲ୍ଲିକୋଟ ମେଡିକାଲ କର୍ମଚାରୀ ବିପିଏମ ମହେଶ୍ୱତା ପାତ୍ର, ପିଏଚଓ କାଳୁଚରଣ ନାଏକ, ନିଗମ ମୁନି ସମେତ ସୁବ୍ରତ କୁମାର ସାମନ୍ତରାୟ, ଅଙ୍କିତା ଶତପଥୀ ସହଯୋଗ କରିଥିଲେ। ବ୍ରହ୍ମପୁର ଏଡିଏମଓ ଡା.ବିଶ୍ୱମ୍ଭର ବେହେରା, ବ୍ରହ୍ମପୁର ଏଡିଏମ୍‌ଓ ଅଫିସରୁ ଆସିଥିବା ଅଧିକାରୀ ପ୍ରଦୀପ କୁମାର ସାହୁ, ସଞ୍ଜୟ କୁମାର ପରିଡ଼ା ଏହି ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ତଦାରଖ କରିଥିଲେ। ବିକ୍ରମପୁର ସରପଞ୍ଚ ପ୍ରଶ୍ନ ଆଚାର୍ଯ୍ୟ, ସଞ୍ଜୟ କୁମାର ଜେନା, ଜଗନ୍ନାଥ ଭୂୟାଁ, କାଳୁରାମ ମହାରଣା, ପ୍ରକାଶ ଚନ୍ଦ୍ର ସାମଲ, ଉଦୟନାଥ ବାରିକ, ବାନାମ୍ବର ସ୍ୱାଇଁ, ଭିକାରୀ ନାଏକ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ କରୁଛନ୍ତି ବିଧାୟିକା।

# ପୋଖରୀ ସଫା କଲେ ଏନ୍‌ସିସି ଛାତ୍ର



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କ୍ୟାଡ଼େଟ୍‌ମାନେ।

ଭଞ୍ଜନଗର,୨୩।୪(ଡି.ଏନ.ଏ.)

ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ଏନ୍‌ସିସି ଛାତ୍ରମାନେ ଶୁକ୍ରବାର ଝାଡ଼ଭୂମି ନିକଟ ପୋଖରୀ ସଫେଇ କରିଛନ୍ତି। ପୁନିତ ସାଗର ଅଭିଯାନ ମାଧ୍ୟମରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରୀଷ୍ମ ଋତୁରେ ପଶୁ ପକ୍ଷୀମାନଙ୍କ ସୁବିଧା ପାଇଁ ଏହିଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ଼.ରମଣୀ ରଞ୍ଜନ ମିଶ୍ର, ପରିଚାଳନା କମିଟି ସଭାପତି ଡ଼.ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏନସିସି ଅଫିସର ଦୀପକ କୁମାର ନାୟକ, ଅଧ୍ୟାପକ ହରପ୍ରସାଦ ଶତପଥୀ, ନିହାର ରଞ୍ଜନ ତ୍ରିପାଠୀ, ପ୍ରସନ୍ନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମହମବତି ଆଲୋକରେ ଚାଲିଛି ପାଠପଢ଼ା

## ଦାରିଙ୍ଗବାଡିରେ ବିଦ୍ୟୁତ୍ ବିଭ୍ରାଟ

ଦାରିଙ୍ଗବାଡି,୨୩।୪(ଡି.ଏନ.ଏ)

ଦାରିଙ୍ଗବାଡ଼ି ଅଞ୍ଚଳରେ ଘନଘନ ବିଦ୍ୟୁତ୍ କାଟକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ଯୋଗୁ ବ୍ୟବସାୟ ପ୍ରତିଷ୍ଠାନ ସମେତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଏକ ପ୍ରକାର ଠପ ହୋଇଯାଉଛି। ଆଉ କିଛିଦିନ ପରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଥିବାରୁ ସେମାନଙ୍କ ପାଠପଢାରେ ବିଦ୍ୟୁତ୍ କାଟ୍ ବାଧକ ସୃଷ୍ଟି ହୋଇଛି। ଏନେଇ ଜଣେ ମହିଳା ସଂଯୁକ୍ତା ସାହୁ ଜିଲା ପ୍ରଶାସନ ନିକଟରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ସେ ଏକ ଭିଡିଓ ଜାରି କରି ସାମାଜିକ ଗଣମାଧ୍ୟମରେ ନିଜ ଭିଡିଓ ଭାଇରାଲ କରିଛନ୍ତି। ସେ ଉକ୍ତ ଭିଡିଓରେ କହିଛନ୍ତି ଯେ, କରୋନା ପାଇଁ ଦୀର୍ଘ ୨ବର୍ଷ ଧରି ପିଲାଙ୍କ ପାଠପଢା ବନ୍ଦ ରହିଥିଲା। ଏବେ ପିଲାମାନେ ବିଦ୍ୟାଳୟ ଖୋଲିବା ପରେ ନିୟମିତ ପାଠ ପଢିବାର ସୁଯୋଗ ପାଇଲେ। ବିଦ୍ୟାଳୟରେ ପଢିବା ସହ ଘରେ ନିଜ ପାଠ ଅଭ୍ୟାସ କରୁଛନ୍ତି ହେଲେ ଘନଘନ ବିଦ୍ୟୁତ୍ କାଟ୍ ଯୋଗୁ ମହମବତି ବା ଡିବିରିରେ ପଢିବାକୁ ପଡୁଛି। ହେଲେ ବିଦ୍ୟୁତ୍ ଆଲୋକରେ ପଢିବା ଏବଂ ମହମବତି ଆଲୋକରେ ପଢିବା ମଧ୍ୟରେ ଅନେକ ଫରକ ରହୁଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ସଂଯୁକ୍ତା ନିବେଦନ କରିଛନ୍ତି। ତେବେ ଘନଘନ ବିଦ୍ୟୁତ୍ କାଟ ବନ୍ଦ କରାଯାଉ ନ ହେଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦାରିଙ୍ଗବାଡି ଅଞ୍ଚଳର ଏକାଧିକ ମହିଳା ଚେତାବନୀ ଦେଇଛନ୍ତି।


ମହମବତି ଆଲୁଅରେ ଜଣେ ମହିଳା ପିଲାକୁ ପଢ଼ାଉଛନ୍ତି।

